ଡ଼ିବିଓଡ଼ି.ବିସି. ନଂ ୬୩/୦୯.୦୭.୦୦୭/୨୦୦୧-୦୨

ଫେବୃଆରୀ ୪, ୨୦୦୨

**ସମସ୍ତ ବାଣିଜ୍ୟିକ ବ୍ୟାଙ୍କ୍**
(ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ୍ ବ୍ୟତୀତ)

ପ୍ରିୟ୍ ମହାଶୟ୍,

**ମୃତକଙ୍କ ସମ୍ପତ୍ତିକୁ ଉତ୍ତରାଧିକାରୀ/ଦାବୀକର୍ତ୍ତାଙ୍କୁ ପ୍ରଦାନ**

ଦୟାକରି ଜାନୁଆରୀ ୧, ୨୦୦୨ ମସିହାରେ ଜାରୀକରାଯାଇଥିବା ଆମର ପରିପତ୍ର ନଂ. ଡ଼ିବିଓଡ଼ି. ବିସି. ନଂ. ୫୫/୦୯.୦୭.୦୦୭/୨୦୦୧-୦୨ ଦେଖନ୍ତୁ । ଏହି ସଂପର୍କରେ ନିମ୍ନ ପ୍ରଦତ୍ତ ସଂଶୋଧନ ଗୁଡ଼ିକ ଉପରୋକ୍ତ ପରିପତ୍ରରେ କରିବା ପାଇଁ ଆମେ ଅନୁରୋଧ କରୁଅଛୁ ।

କ) ପାରା ୧ରେ

'ଯେଉଁଠାରେ ମୃତ୍ତକଙ୍କ ଖାତାର ଜମାରାଶି ୨୫୦୦ ଟଙ୍କାରୁ ଅଧିକ ହୋଇନଥିବ' ବଦଳରେ 'ମୃତ୍ତକଙ୍କ ଖାତାର ଜମାରାଶିର ପରିମାଣ ନିର୍ବିଶେଷରେ' ବ୍ୟବହୃତ ହେବ ।

ଖ) ପାରା ୩ରେ

୩ୟ ଧାଡ଼ିରେ 'ମୃତ ଗ୍ରାହକ' ଓ 'ଯଦି' ମଝିରେ 'ପରିମାଣ ନିର୍ବିଶେଷରେ ' ବ୍ୟବହୃତ ହେବ

୨. ଏହିପରି ଭାବେ, ଅନ୍ୟାନ୍ୟ ସର୍ତ୍ତାବଳୀ ପୂରଣ ହେଲେ ମୃତ୍ତକଙ୍କ ସମ୍ପତ୍ତି ଉପରୋକ୍ତ ପରିପତ୍ର ଅନୁସାରେ ପରିମାଣ ନିର୍ବିଶେଷରେ ସେମାନଙ୍କର ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯାଇ ପାରିବ।

୩. ଦୟାକରି ପ୍ରାପ୍ତି ସ୍ବୀକାର କରନ୍ତୁ ।

ଆପଣଙ୍କର ବିଶ୍ୱସ୍ତ

**(କେ.ଏନ. ରୁପାନୀ)**

ଉପ ମହାପ୍ରବନ୍ଧକ